## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ଏଆଇଟିୟୁସି ଜିଲା ସମ୍ମିଳନୀ, ସ୍ଥାନ–ଗିରିମାର୍କେଟ ପ୍ରକାଶମ୍ ହଲ, ସମୟ–ପୂର୍ବାହ୍ନ ୧୧ଟା ୩୦
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ–ହରିହର ଭେଟ ମନ୍ଦିର, ସମୟ–ପୂର୍ବାହ୍ନ ୯ଟା ୩୦।
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜନ୍ମ ଦିବସ, ସ୍ଥାନ–ଏନ୍‌ଜିଓ ହଲ, ସମୟ–ପୂର୍ବାହ୍ନ ୧୦ଟା।

**ଭଞ୍ଜନଗର**

- ଦିବ୍ୟାଙ୍ଗ ଆଇନ ସଚେତନତା ଶିବିର ଉଦଯାପିତ। ସ୍ଥାନ–କୁଳାଡ଼, ସମୟ–ଅପରାହ୍ଣ ୪ଟା।

**ସୋରଡ଼ା**

- ଗୋଷ୍ଠାଷ୍ଟାମୀ ମହୋଚ୍ଛବ। ସ୍ଥାନ–ସୁରଭି ଗୋଧାମ, ବାଦୁଆପଲ୍ଲୀ, ସମୟ ସକାଳ–୯ ଟା

## ଆକ୍ରମଣକାରୀ ଗିରଫ, ଖଣ୍ଡା ଜବତ

ବ୍ରହ୍ମପୁର ଅଫିସ,୩୦।୧୦: ଏକ ଆକ୍ରମଣ ମାମଲାରେ ବ୍ରହ୍ମପୁର ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଜାଗିଲି ସାହିର ଶିବ ନାୟକ(୨୯)। ପୋଲିସ ଅଭିଯୁକ୍ତଙ୍କଠାରୁ ସେ ଘଟଣା ବେଳେ ବ୍ୟବହାର କରିଥିବା ଖଣ୍ଡା ଜବତ କରିଛି। ମାମଲା ନମ୍ବର ୩୧୭/୨୨ରେ ତାଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଜରଡ଼ା ଥାନା ଅନ୍ତର୍ଗତ ସୁରଙ୍ଗୀ ଶାସନର ଶଙ୍କର ପାଢ଼ୀ କୌଣସି କାମରେ ଶୁକ୍ରବାର ବ୍ରହ୍ମପୁର ଆସିଥିଲେ। ପରେ ସେ ଜାଗିଲି ସାହିରେ ଥିବା ଏକ ଦୋକାନରୁ ପାନ କିଣୁଥିଲେ। ନିଶାସକ୍ତ ଅବସ୍ଥାରେ ଥିବା ଶିବ ନାୟକ ସେଠାରେ ପହଞ୍ଚି ଶଙ୍କରଙ୍କୁ ଟଙ୍କା ମାଗିଥିଲେ। ସେ ଟଙ୍କା ଦେବାକୁ ମନା କରିବାରୁ ଶିବ ଧରିଥିବା ଏକ ଖଣ୍ଡାରେ ଶଙ୍କରଙ୍କ ମୁଣ୍ଡ ଉପରେ ଚୋଟ ପକାଇବା ବେଳେ ଖଣ୍ଡା ଚୋଟ ତାଙ୍କ ହାତରେ ବାଜିଥିଲା। ଫଳରେ ସେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ପରେ ଶଙ୍କର ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଶିବ ନାୟକଙ୍କୁ ଗିରଫ କରିଛି।

## ବ୍ରହ୍ମପୁର ପ୍ରତିଯୋଗୀଙ୍କ ସଫଳତା

### ଅନ୍ତର୍ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା



ବ୍ରହ୍ମପୁର ଅଫିସ,୩୦।୮: ଇଣ୍ଟରନ୍ୟାଶନାଲ ହେଲ୍‌ଥ ସ୍ପୋର୍ଟ୍ସ ଏଣ୍ଡ ଫିଟ୍‌ନେସ ଫେଷ୍ଟିଭାଲ ଆମେଚର ଅଲିମ୍ପିଆ-୨୦୨୨ ଅନ୍ତର୍ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅକ୍ଟୋବର ୨୮ରୁ ୩୦ ପର୍ଯ୍ୟନ୍ତ ମୁମ୍ବାଇଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାରୁ ୩ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ବ୍ରହ୍ମପୁରର ଶ୍ରୀଧର ପଟ୍ଟନାୟକ(ଶ୍ରୀ)ମେନ୍ କ୍ଲାସିକରେ ୭୫ କେଜି ବର୍ଗରେ ପ୍ରତିଯୋଗିତା କରିଥିଲେ। ଏହି ବର୍ଗରେ ଶ୍ରୀଧର ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ୧୩୦ପ୍ରତିଯୋଗୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏଥିରେ ଶ୍ରେଷ୍ଠ ୧୦ ପ୍ରତିଯୋଗୀଙ୍କ ମଧ୍ୟରେ ଶ୍ରୀଧର ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସେ ବିଗତ ୧୪ ବର୍ଷ ଧରି ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସକ୍ରିୟ ଅଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଏହି ସଫଳତା ପାଇବା ପରେ ତାଙ୍କୁ ବ୍ରହ୍ମପୁରରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ସତ୍ୟସାଇ ସେବା ସମିତି ପକ୍ଷରୁ ଚିକିତ୍ସା ଶିବିର

ବ୍ରହ୍ମପୁର ଅଫିସ,୩୦।୧୦: ସତ୍ୟସାଇ ସେବା ସମିତି ପକ୍ଷରୁ ରବିବାର ଥାଲାସେମିଆ ଓ ସିକେଲସେଲ ରୋଗୀଙ୍କ ପାଇଁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୦ ଜଣ ରୋଗୀଙ୍କର ଚିକିତ୍ସା କରାଯାଇଥିଲା। ଏଥିରେ ଡା.ହେମଲତା ଦାଶ ଓ ଡା.ନିବେଦିତା ନନ୍ଦ ଚିକିତ୍ସା କରିଥିଲେ। ସମିତି ଜିଲା ସଭାପତି ଏମ୍. ଗୋପାଳ ରାଓ, ଆବାହକ କେ.ସତ୍ୟ ରାଓଙ୍କ ସମେତ ବି.ଲକ୍ଷ୍ମୀ ନାରାୟଣ ପାତ୍ର, ବି.ସତ୍ୟେନ୍ଦ୍ର, ଡି.ହରି କ୍ରିଷ୍ଣା, ବାସୁଦେବ ଚର୍ଚ୍ଚି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା।

# ମୁଖ୍ୟ ଫାଟକ ଖୋଲିବା ଦାବିରେ ଗ୍ରାମବାସୀଙ୍କ ଧାରଣା

ବ୍ରହ୍ମପୁର ଅଫିସ,୩୦।୧୦



ଧାରଣାରତ ଗ୍ରାମବାସୀ

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଦୁଇଟି ମୁଖ୍ୟ ଫାଟକ ଖୋଲିବା ଦାବିରେ ରବିବାର ଭଞ୍ଜବିହାର ଓ ଏହାର ଆଖପାଖ ୪ ଖଣ୍ଡ ଗ୍ରାମବାସୀ ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠା ସମ୍ମୁଖରେ ଘଣ୍ଟାଏ କାଳ ଧାରଣା ଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ, କିଛିଦିନ ପୂର୍ବରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପଛ ଗେଟ୍ ବନ୍ଦ କରିଦେଇଥିଲେ। ପୁଣି ଶନିବାର ମୁଖ୍ୟ ଫାଟକ ନିକଟରେ ମଧ୍ୟ ରାସ୍ତା ଖୋଲି ଏହାକୁ ବନ୍ଦ କରିଦିଆଯାଇଥିଲା। ଅନ୍ୟପଟେ କିଛିଦିନ ହେବ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସକାଳ ୬ରୁ ରାତି ୮ଟା ଯାଏ ଫାଟକ ଖୋଲା ରଖୁଛନ୍ତି। ଏହାପରେ ରାତି ସାରା ବନ୍ଦ ରହୁଛି। ଫଳରେ ଭଞ୍ଜବିହାର ଓ ନିକଟସ୍ଥ ରଙ୍ଗେଇଲୁଣ୍ଡା, କରାପଲ୍ଲୀ, ସତ୍ୟନାରାୟଣପୁର ଓ ଡୁରା ଗ୍ରାମବାସୀ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ମଧ୍ୟ ପୂର୍ବରୁ ନିକଟସ୍ଥ ସରପଞ୍ଚମାନେ କୁଳପତିଙ୍କୁ ଭେଟି ଲିଖିତ ଭାବେ ୨୪ ଘଣ୍ଟା ଫାଟକ ଖୋଲା ରଖିବା ନିମନ୍ତେ ଅନୁରୋଧ କରିଥିଲେ। ଏହା ସତ୍ତ୍ୱେ ଶନିବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ମୁଖ୍ୟ ଫାଟକ ବନ୍ଦ କରିଦିଆଯିବା ଦେଖି ଆଖପାଖ ଅଞ୍ଚଳର ଶହ ଶହ ଗ୍ରାମବାସୀ ଧାରଣାକୁ ଓହ୍ଲାଇଥିଲେ। ପ୍ରଥମରେ ଦୁଇ ଫାଟକ ମଧ୍ୟ ଦେଇ ଯାଇଥିବା ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏହି ଦୁଇ ଗେଟ୍ ମଧ୍ୟରେ ବ୍ୟାଙ୍କ, ଶ୍ମଶାନ, ମେଡିକାଲ, ଏଟିଏମ୍, ସ୍କୁଲ, ମନ୍ଦିର ଭଳି ସମସ୍ତ ମୌଳିକ ସୁବିଧା ରହିଛି। ଏଣୁ ଫାଟକ ବନ୍ଦ ହେବା ଦ୍ୱାରା ହଜାର ହଜାର ଗ୍ରାମବାସୀ ସେମାନଙ୍କ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଥିଲେ।

କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରି ଗେଟ୍ ଖୋଲିବା ପରେ ଲୋକେ ଧାରଣାରୁ ହଟିଥିଲେ। ଘଟଣା ସମ୍ପର୍କରେ କୁଳପତିଙ୍କ ସହ କଥାବାର୍ତ୍ତା ବେଳେ ସେ କହିଛନ୍ତି, ଦୁଇ ଫାଟକରେ ନୂତନ ଭାବେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱାଗତ ନିମନ୍ତେ ଗେଟ୍ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିନିମନ୍ତେ ବିମ୍ ପକାଇବାକୁ ଦୁଇଦିନ ଆବଶ୍ୟକ ଥିଲା। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଥିଲା। ତଥାପି ଲୋକଙ୍କ ମଧ୍ୟରେ ବୁଝାମଣା ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ଗ୍ରାମବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି କିଛିଦିନ ସକାଶେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱାଗତ ଲାଗି ହେବାକୁ ଥିବା ଗେଟ୍ କାର୍ଯ୍ୟ ବନ୍ଦ କରାଯାଇଛି।

# କୁମ୍ଭାରପଲ୍ଲୀରେ ମା'ଗୌରୀ ଆମ୍ମା ଯାତ୍ରା ଉଦ୍‌ଯାପିତ



ଶିଳ୍ପାଞ୍ଚଳ କୁମ୍ଭାରପଲ୍ଲୀରେ ମା' ଗୌରୀଆମ୍ମାଙ୍କ ନଗର ପରିକ୍ରମା।

ବ୍ରହ୍ମପୁର ଅଫିସ,୩୦।୧୦

ଗଞ୍ଜାମ ଜିଲାରେ ବିଭିନ୍ନ ଲୋକନୃତ୍ୟ ଓ ଲୋକଯାତ୍ରା ମଧ୍ୟରୁ ଅନ୍ୟତମ ହେଉଛି ମା' ଗୌରୀଆମ୍ମା ଯାତ୍ରା। ଏହି ଯାତ୍ରା ପ୍ରତିବର୍ଷ କୁମାର ପୂର୍ଣ୍ଣମୀଠାରୁ ଆରମ୍ଭ ହୋଇ କାର୍ତ୍ତିକ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ। ମୁଖ୍ୟତଃ ତେଲୁଗୁ ରେଡ୍ଡୀ ସମ୍ପ୍ରଦାୟର ଏହି ପର୍ବରେ ଗଞ୍ଜାମ ତଥା ବ୍ରହ୍ମପୁର ସହରରେ ତେଲୁଗୁ ଓ ଓଡ଼ିଆ ଭାଷାଭାଷୀମାନେ ମଳିତ ଭାବେ ଏହାକୁ ପାଳନ କରିଥାନ୍ତି। ଏହା ଦୀର୍ଘ ଏକ ମାସ ଧରି ଚାଲିଥିଲା। ଏଥିରେ ସାମୂହିକ ଭାବେ ସାହି ତଥା ଗ୍ରାମବାସୀ ଏକତ୍ରିତ ହୋଇ ମାତା ପାର୍ବତୀ ଓ ମହାଦେବଙ୍କ ପୂଜାର୍ଚ୍ଚନା କରିବା ବିଧି ପ୍ରଚଳିତ ରହିଛି। ରବିବାର ବ୍ରହ୍ମପୁର ଶିଳ୍ପାଞ୍ଚଳ କୁମ୍ଭାରପଲ୍ଲୀଠାରେ ମା' ଗୌରୀ ଆମ୍ମା ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। କୁମ୍ଭାରପଲ୍ଲୀ ଅଞ୍ଚଳରେ ବାସ କରୁଥିବା ପ୍ରାୟ ୫୦୦ରୁ ଅଧିକ ପରିବାର ଏକତ୍ରିତ ହୋଇ ଚାନ୍ଦା ଆଦାୟ କରି ଏହି ଯାତ୍ରା ଆୟୋଜନ କରିଥିଲେ। ଶନିବାର ସନ୍ଧ୍ୟାରେ ମା'ଙ୍କ ଗୌରୀ ଆମ୍ମା ବାଣ,ବାଜା, ରୋଶଣି ଆଲୋକରେ ସଜ୍ଜିତ ହୋଇ ବିରାଟ ପଟୁଆରରେ ମାନସିକଧାରୀ ଓ ଶ୍ରଦ୍ଧାଳୁଙ୍କ ସହ ଶୋଭଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଏଥିରେ ୨ ଜଣ ମାନସିକଧାରୀଙ୍କୁ ବାଘ, ସାପ ସାପୁଆଣୀ ବେଶ ଓ କାଳିକା ବେଶରେ ଦେଖିବାକୁ ମିଳିଥିଲା। ସେହିପରି ଉଦ୍‌ଯାପନୀ ଦିବସରେ ଭାରତ ଲୀଳା ନାଟକ ମୁଖ୍ୟ ଆକର୍ଷଣ ଥିଲା। ରାତି ପ୍ରାୟ ୧୧ଟାରେ ମା'ଙ୍କ ଘଟ ବିସର୍ଜନ ହୋଇଥିଲା। ଚଳିତ ବର୍ଷ କୁମ୍ଭାରପଲ୍ଲୀ ମା' ଗୌରୀଆମ୍ମା ଯାତ୍ରା ପରିଚାଳନା କମିଟି ପକ୍ଷରୁ ଯାତ୍ରା ପରିଚାଳନା ହୋଇଥିଲା। ଏଥିରେ ସଭାପତି ପ୍ରଦୀପ ବେହେରା ଓ ସମ୍ପାଦକ ଡି.କାମରାଜୁ ରେଡ୍ଡୀଙ୍କ ସମେତ କମିଟି ସଦସ୍ୟମାନେ ଯାତ୍ରା ସୁଚାରୁ ରୂପେ ପରିଚାଳନା କରିଥିଲେ।

# ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟରେ ଜାତୀୟ ପାଠଚକ୍ର

ବ୍ରହ୍ମପୁର ଅଫିସ,୩୦।୧୦





ପାଠଚକ୍ରରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ।

ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ଓ ନିଖିଳ ଓଡ଼ିଶା ଅଧ୍ୟାପକ ସମ୍ମେଳନ ମିଳିତ ଆନୁକୂଲ୍ୟରେ ରବିବାର ମହାବିଦ୍ୟାଳୟରେ ଏକ ଜାତୀୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ" ଶୀର୍ଷକ ଆଲୋଚନା କରାଯାଇଥିଲା। ଅଧ୍ୟକ୍ଷ ଡ. କାହ୍ନୁଚରଣ ପାଢ଼ୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ମନ୍ମଥ ପାଢ଼ୀ, ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ମେୟର ସଂଘମିତ୍ରା ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ପାଠଚକ୍ରରେ ଓଡ଼ିଶା ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ସାହିତ୍ୟିକ, ଗବେଷକ ଓ ଅଧ୍ୟାପକମାନେ ଯୋଗ ଦେଇଥିଲେ। ପାଠଚକ୍ରରେ ଡ. କୁଳମଣି ଓଝା, ଡ.ବାଉରୀ ବନ୍ଧୁ ସାହୁ, ଡ. ଅନନ୍ତ କିଶୋର ଜେନା, ଡ. ବିଦ୍ୟୁତ୍ ପ୍ରଭା ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ। ଏଥିରେ ପ୍ରାୟ ୪୬ ଜଣ ଗବେଷକ ନିଜ ନିଜ ସନ୍ଦର୍ଭ ପାଠ କରିବା ସହ ମଧ୍ୟଯୁଗୀୟ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥିରେ ମହାବିଦ୍ୟାଳୟ ଡ. ଭରତାଦର୍ଶ ଦାସ, ଡ. ଚିତ୍ତରଞ୍ଜନ ଦାସ, ଡ. ରବୀନ୍ଦ୍ର କୁମାର ପ୍ରଧାନ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ





କାର୍ଯ୍ୟକ୍ରମରେ ଉପସ୍ଥିତ ପୁରାତନ ଛାତ୍ର।

ବ୍ରହ୍ମପୁର ଅଫିସ,୩୦।୧୦

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରଙ୍କ ପକ୍ଷରୁ ରବିବାର ଉତ୍କଳ ଆଶ୍ରମଠାରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ୧୯୭୮ ବ୍ୟାଚର ଛାତ୍ରମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣେଶ ପ୍ରସାଦ ସାହୁ, ପ୍ରଫୁଲ୍ଲ କୁମାର ବିଷୋୟୀ, ଅଲେଖ ଚନ୍ଦ୍ର ବେହେରା, ପ୍ରଫୁଲ୍ଲ ଜେନା ଓ ଲକ୍ଷ୍ମୀ ନାରାୟଣ ସାହୁ ମଞ୍ଚାସୀନ ଥିଲେ। ନଭେମ୍ବର ୨୩ରେ ପରବର୍ତ୍ତୀ ବନ୍ଧୁ ମିଳନ ପର୍ବ ମହୁରୀ କାଲୁଆଠାରେ ଅନୁଷ୍ଠିତ ହେବା ନେଇ ସ୍ଥିର ହୋଇଥିଲା। କିଶୋର କପୁର, କାଳୀ ଚରଣ ସ୍ୱାଇଁ, କୈଳାସ ଚନ୍ଦ୍ର ସାବତ ଓ ହିମାଂଶୁ କୁମାର ସାମନ୍ତରାୟ ପରିଚାଳନାରେ ସହଯୋଗ କରିଥିଲେ।

## ଆମ ପୋଲିସର ସଚେତନତା କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର,୩୦।୧୦(ଡି.ଏନ.ଏ.)

କବିସୂର୍ଯ୍ୟନଗର ବଡ଼ମହୁରୀଠାରେ ଆମ ପୋଲିସ ସମିତି ପକ୍ଷରୁ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କବିସୂର୍ଯ୍ୟନଗର ଆଇଆଇସି ପ୍ରଭାତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଲିସ ସମିତି ସମ୍ପାଦକ ତଥା ସାମାଜିକ କର୍ମୀ ଜି. ଶମ୍ଭୁଲିଙ୍ଗମ ଆଚାରୀ, ସଭ୍ୟ ଶରତ ଚନ୍ଦ୍ର ଦାସ, ନିରଞ୍ଜନ ଗୌଡ଼, ଏଏସ୍ଆଇ ଭୁଜବଳ ଆଦି ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଗୁଣିଗାରେଡି, ଅପ୍ରାପ୍ତ ବୟସ୍କା ବିବାହ, ଜାତିଆଣଭାବ ବହୁ କୁସଂସ୍କାର, ଅନ୍ଧବିଶ୍ୱାସଠାରୁ ଦୁରେଇ ରହିବା ଲାଗି ପରାମର୍ଶ ଦେଇଥିଲେ। ପୋଲିସ ଓ ଜନତା ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହ ସାମାଜିକ କ୍ଷେତ୍ରରେ ସହଯୋଗିତା ଭିତ୍ତିରେ କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଥିଲା।

## ବରିଷ୍ଠ ନାଗରିକଙ୍କୁ ମାଡ଼ମାରି ମୋବାଇଲ ଲୁଟ୍

ବ୍ରହ୍ମପୁର ଅଫିସ,୩୦।୧୦

ବ୍ରହ୍ମପୁର ସହରରେ ଲୁଟେରା ଗ୍ୟାଙ୍ଗ ଏବେ ସକ୍ରିୟ ହେବାରେ ଲାଗିଛନ୍ତି। ଶନିବାର ଜଣେ ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ କରିଥିଲେ। ଅଶୋକନଗରରେ ରହୁଥିବା ନବକିଶୋର ବେବର୍ତ୍ତା ଗୋଷାଣୀନୂଆଗାଁ ମନ୍ଦିର ନିକଟରେ ହେଉଥିବା କାଳୀପୂଜା ଦେଖିବାକୁ ଯାଇଥିଲେ। ସେଠାରେ ସେ ମା'ଙ୍କ ସନ୍ଧ୍ୟା ଆଳତି ଦର୍ଶନ କରୁଥିଲେ। ସେହି ସମୟରେ ତାଙ୍କ ପଛପଟୁ ଏକ ବାଇକ୍ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯିବାରୁ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଭୟଭୀତ କରିବା ସହ ତାଙ୍କ ପକେଟରୁ ମୋବାଇଲ ଝାମ୍ପି ନେଇଥିଲେ। ସନ୍ଧ୍ୟା ଆଳତି ବେଳେ ଢୋଲ ବାଜୁଥିବାରୁ ସେ ଚିତ୍କାର କରିଥିଲେ ମଧ୍ୟ କେହି ଶୁଣି ପାରି ନ ଥିଲେ। ନବକିଶୋର ଉଠି ଦେଖିବା ବେଳେ ଏକ ବାଇକ୍‌ରେ ଆସିଥିବା ଦୁଇଜଣ ମୁଖାପିନ୍ଧା ଯୁବକ ତାଙ୍କ ମୋବାଇଲ ଝାମ୍ପି ବିଜିପୁର ଆଡକୁ ଚାଲି ଯାଇଥିଲେ। ପରେ ସେ ଏନେଇ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି।

## ମହିଳାଙ୍କୁ ଚାକିରି ଦେବା ନାଁରେ ଠକେଇ ଅଭିଯୋଗ

ବ୍ରହ୍ମପୁର ଅଫିସ,୩୦।୧୦

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ପାଣିଗ୍ରାହୀ ପେଣ୍ଠ ଅଞ୍ଚଳର ପିଙ୍କି ଲେଙ୍କାଙ୍କୁ ତାଙ୍କର ସମ୍ପର୍କୀୟ ଭାଇ ଦିଲୀପ କୁମାର ଲେଙ୍କା ଏକ ଫାଇନାନ୍ସ କମ୍ପାନୀରେ ୪ର୍ଥ ଶ୍ରେଣୀ କର୍ମଚାରୀ ଚାକିରି କରାଇ ଦେବାକୁ କହି ଫଟୋ, ଭୋଟର ପରିଚୟପତ୍ର, ଆଧାରକାର୍ଡ ଏବଂ ବ୍ୟାଙ୍କ ଜମାଖାତାର ଜେରକ୍ସ କପି ନେଇଥିଲେ। ଏଥିସହ କୌଣସି ଏକ ଫର୍ମରେ ମହିଳାଙ୍କ ଦସ୍ତଖତ ମଧ୍ୟ କରାଇ ନେଇଥିଲେ। ପରେ ସେସବୁ ନଥିପତ୍ରର ଅସଦ୍ ବ୍ୟବହାର କରି ମହିଳାଙ୍କ ନାଁରେ ସମ୍ପୃକ୍ତ ଫାଇନାନ୍ସ କମ୍ପାନୀରୁ ୫୩ ହଜାର ଟଙ୍କାର ଋଣରେ ଘରକରଣା ସାମଗ୍ରୀ କିଣି ନେଇଥିବା ସମ୍ପର୍କରେ ବଡ଼ବଜାର ଥାନାରେ ଅଭିଯୋଗ ହୋଇଛି। ମହିଳା ଜଣକ ଇଂଲିଶ ଭାଷା ଭଲ ଭାବେ ପଢି ନ ପାରିବାର ଫାଇଦା ଉଠାଇ ତାଙ୍କ ସମ୍ପର୍କୀୟ ଭାଇ ଏଭଳି ଠକାମି କରିଥିବା ବେଳେ ଉକ୍ତ ଫାଇନାନ୍ସ କମ୍ପାନୀ ଏବେ ମହିଳାଙ୍କୁ ଋଣ ଟଙ୍କା ଫେରାଇବା ପାଇଁ ବାରମ୍ବାର ନୋଟିସ୍ ପଠାଉଛି। ଘଟଣାର ତଦନ୍ତ କରି ନ୍ୟାୟ ଦେବାକୁ ମହିଳା ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ନଂ. ୨୮୫/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ଜ୍ଞାନପ୍ରଭା



@ ସୁନୀଲ



@ ବିକ୍ରମ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସମ୍ମିଳନୀ



ସଂଘ ପକ୍ଷରୁ ପଥଯାତ୍ରା।

ବ୍ରହ୍ମପୁର ଅଫିସ,୩୦।୧୦

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜଗନ୍ନାଥନଗର ସମ୍ମିଳନୀ ରବିବାର ଗୋଷାଣୀନୂଆଗାଁ ଶିଶୁ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ସ୍ୱୟଂସେବକ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ନେବା ସହ ପଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଗୋଷାଣୀନୂଆଗାଁ, ବିଜିପୁର ଓ ନେହେରୁନଗର ପ୍ରମୁଖ ଅଞ୍ଚଳରେ ପଥଯାତ୍ରା କରାଯାଇଥିଲା। ଏହାପରେ ଶିଶୁ ମନ୍ଦିରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଂଘ ଚାଳକ ପ୍ରଶାନ୍ତ ପତି ସଂଘର ପୃଷ୍ଠଭୂମି ଓ ୨୦୨୫ରେ ସଂଘର ଶହେ ବର୍ଷ ପୂର୍ତ୍ତିକୁ ନିରାଡମ୍ବର ସହକାରେ ପାଳନ କରିବା ସହ ସଂଘକୁ ସୁଦୃଢ କରିବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଉପନଗର କାର୍ଯ୍ୟବାହ ଭଗବାନ ପଣ୍ଡା ଓ ନାରାୟଣ ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ପାତ୍ର, ପିଣ୍ଟୁ ସାହୁ, ନୀଳକଣ୍ଠ ଚୌଧୁରୀ, ଦଣ୍ଡପାଣି ସାହୁ, ସୁକାନ୍ତ ଗୌଡ, ରବି ଶତପଥୀ ଓ ପ୍ରଶାନ୍ତ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଶାସକ ଦଳର ଅଧିକ ବିଦ୍ରୋହୀଙ୍କ ଜିତାପଟ

ବ୍ରହ୍ମପୁର ଅଫିସ,୩୦।୧୦

**ବିସିସି ବ୍ୟାଙ୍କ ପରିଚାଳନା ବୋର୍ଡକୁ ନିର୍ବାଚିତ ନିର୍ଦ୍ଦେଶକ**

ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କ ପରିଚାଳନା ବୋର୍ଡ ନିର୍ଦ୍ଦେଶକ ନିର୍ବାଚନ ରବିବାର ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଶେଷ ହୋଇଛି। ଶାସକ ବିଜେଡିର ପ୍ରାର୍ଥୀ ଚୟନରେ ବିଭ୍ରାଟ ଯୋଗୁ ସେହି ଦଳର ଅନେକ ବିଦ୍ରୋହୀ ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

ଗଞ୍ଜାମ ଜିଲାର ୧୨ ଜୋନରୁ ବେଗୁନିଆପଡ଼ା ୨ନଂ, ରଙ୍ଗେଇଲୁଣ୍ଡା ୭ନଂ, ପାତ୍ରପୁର ୮ନଂ, ଚିକିଟି ୯ନଂ ଏବଂ ୧୨ନଂ ଜୋନ ହିଞ୍ଜିଳିର ଶାସକ ଦଳ ସମର୍ଥିତ ପ୍ରାର୍ଥୀମାନେ ଅପ୍ରତିଦ୍ୱନ୍ଦ୍ୱି ହୋଇଥିଲେ। ଅବଶିଷ୍ଟ ୧୦ ଜୋନରୁ ଜିଲାର ୭ ମଧ୍ୟରୁ ଖଲ୍ଲିକୋଟ ୧ନଂ ଜୋନ୍‌ରୁ ରାମ ମୋହନ ପଣ୍ଡା, ୩ନଂ ପୁରୁଷୋତ୍ତମପୁରରୁ ସୁଷମା ବେହେରା, ଗଞ୍ଜାମ ୪ନଂରୁ ଚନ୍ଦ୍ରଶେଖର ନାୟକ, ୫ନଂ ଜୋନ ଛତ୍ରପୁରରୁ ଦୁର୍ଯ୍ୟୋଧନ ପରିଡ଼ା, ୬ନଂ ଜୋନ ବ୍ରହ୍ମପୁରରୁ କୁରି କୁମାରୀ ଦାସ, ୧୦ନଂ ଜୋନ ଦିଗପହଣ୍ଡିରୁ ପ୍ରଶାନ୍ତ ନାୟକ ଓ ୧୧ନଂ ଜୋନ କୁକୁଡ଼ାଖଣ୍ଡିରେ ଶିବରାମ ପାତ୍ର ନିର୍ବାଚିତ ହୋଇଛନ୍ତି। ଶାସକ ଦଳର ମନୋନୀତ ପ୍ରାର୍ଥୀ ସନାତନ ସଂଗ୍ରାମ ସିଂ ମାତ୍ର ୪ଟି ଭୋଟ ପାଇ ପରାଜିତ ହୋଇଛନ୍ତି।

ସେହିପରି ଗଜପତି ଜିଲାର ୩ଟି ଜୋନରୁ ୧୩ନଂ ଜୋନର ବି. ଧନଞ୍ଜୟଙ୍କୁ ଶାସକ ଦଳର ମନୋନୀତ ପ୍ରାର୍ଥୀ ବୋଲି ଜଣାପଡ଼ିଛି। ୧୪ନଂ ଜୋନରୁ ପି. ଦିଲେଶ୍ୱର ରାଓ ଏବଂ ୧୫ନଂ ଜୋନରୁ କେ. କିରଣ କୁମାର ନିର୍ବାଚିତ ହୋଇଛନ୍ତି। ଉଭୟ ବିରୋଧୀ ଭାଜପା ସମର୍ଥକ ହୋଇଥିବା ଭୋଟ ଗଣତି ସ୍ଥଳ ଆଲୋଚନାରୁ ଜଣାପଡ଼ିଛି।

